# ସାଲିମାର ପେଣ୍ଟସ୍ ପକ୍ଷରୁ 'ହିରୋ'ର ଶୁଭାରମ୍ଭ

ସମ୍ବଲପୁର, ୩।୭(ନି.ପ୍ର): ସାଲିମାର ପେଣ୍ଟସ୍ ଲିମିଟେଡ ପକ୍ଷରୁ ଏହାର ଫ୍ଲାଗସିପ ଉତ୍ପାଦ 'ହିରୋ'ର ଶୁଭାରମ୍ଭ ହୋଇଛି। ଏହା କମ୍ପାନୀର ଅଭିନବ କ୍ୟାମ୍ପେନ, 'ଅପଗ୍ରେଡ କିୟା କ୍ୟା'ର ଏକ ଅଂଶ ରହିଛି। ସାଲିମାର ପେଣ୍ଟସ୍ ଅତ୍ୟାଧୁନିକ ଟେକ୍ନୋଲୋଜି ସହ ଇଲାଷ୍ଟୋମେରିକ ଗୁଣ ଓ ଫାଇବରର ସୁଦୃଢତା ବିଶିଷ୍ଟ ୱାଟରପ୍ରୁଫିଂ ସଲ୍ୟୁସନ ଗୁଡ଼ିକର ଏକ ଆଧୁନିକ କଲେକ୍ସନ। ଏହା ୱାଟର ସିପେଜ ଓ ଢାଞ୍ଚାଗତ କ୍ଷତିକୁ ରୋକିବା ପାଇଁ ଉତ୍କୃଷ୍ଟ କ୍ରାକ୍-ବ୍ରିଜିଂ କ୍ଷମତା ସୁନିଶ୍ଚିତ କରିଥାଏ। ତତ୍‌ସହ ପ୍ରଭାବୀ ରୂପେ କ୍ଷୁଦ୍ରତମ ଫାଟଗୁଡିକୁ ମଧ୍ୟ ବନ୍ଦ ବା ସିଲ୍ କରିଥାଏ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ସାଲିମାର ପେଣ୍ଟସ୍‌ର ସେଲ୍ସ ଓ ମାର୍କେଟିଂ ବିଭାଗର ନିର୍ଦ୍ଦେଶକ କୁଲଦୀପ ରାଇନା କହିଛନ୍ତି, ଏହା ଉଦ୍ଭାବନ ଓ ଉତ୍କର୍ଷତା ହାସଲ କରିବା ପ୍ରତି ସାଲିମାର ପେଣ୍ଟସ୍ ନିରନ୍ତର ପ୍ରୟାସକୁ ସୂଚିତ କରୁଛି। ଆମେ 'ହିରୋ' ସୁପର ପ୍ରିମିୟମ ଇଣ୍ଟେରିୟର ଇମଲ୍ସନର ସଫଳତା ଦ୍ୱାରା ଉତ୍ସାହିତ ଅଛୁ, ଯାହା ଏକବର୍ଷ ମଧ୍ୟରେ ଗ୍ରାହକଙ୍କ ମଧ୍ୟରେ ଏକ ପସନ୍ଦର ବିକଳ୍ପରେ ପରିଣତ ହୋଇଛି। ଉଡ୍ କୋଟିଂ ଓ ଜିରୋ ଡ୍ୟାମ୍ପ ୱାଟରପ୍ରୁଫିଂ ପ୍ରଡକ୍ଟ ସମେତ ଆମର ବିସ୍ତୃତ ଶୃଙ୍ଖଳା ବିଶେଷକରି ମୌସୁମୀ ଆସିଥିବାରୁ କାନ୍ଥଗୁଡିକୁ ଆର୍ଦ୍ରତା ଓ କ୍ଷତିରୁ ସୁରକ୍ଷିତ ରଖିବା ପାଇଁ ଉପଯୁକ୍ତ ଅଟେ। ଆମେ ନିଶ୍ଚିତ ଯେ, ଏହି ନୂତନ ଉତ୍ପାଦଗୁଡିକୁ ଆମର ଗ୍ରାହକମାନେ ବହୁମାତ୍ରାରେ ଗ୍ରହଣ କରିବେ ବୋଲି ଶ୍ରୀ ରାଇନା କହିଛନ୍ତି।